# Akashvani, Sambalpur

## SAMBALPURI NEWS EVENING BULLETIN

## 27 November 2024- 7.02 pm- 7.12 pm.

*********************************************

୧- ରାଏଜେ ଆଏବା ୫ ବଛର୍ ଭିତ୍‌ରେ ଦେଢ୍ ଲାଖ୍ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା କହେଲେ - ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୨- ବିଧାନ୍‌ସଭା ଶୀତ୍‌କାଲୀନ୍ ଅଧିବେଶନ୍‌ର ୨ ନମ୍ବର୍ କାର୍ଯ୍ୟଦିବସ୍‌ଥି ସୁରୁଖୁରୁଥି ହେଇଛେ ଗୃହ କାମ୍ ।

୩- ଗନ୍ଧମାର୍ଦ୍ଦନ୍ ପର୍ବତ୍ ନ ଶିଳ୍ପ କାର୍‌ଖାନା ଥାପ୍‌ନା ଲାଗି କେହେନି କମ୍ପାନୀକେ ଅନୁମତି ନାଇଁ ଦିଆଯାଇ କି ଆଏବା ଦିନେ ଭିଲ୍ ନାଇଁ ଦିଆଯାଏ- ବିଧାନ୍‌ସଭା ନ କହେଲେ ଉପମୁଖ୍ୟମନ୍ତ୍ରୀ ଆଉ ରାଜସ୍ୱ ମନ୍ତ୍ରୀ ।

ଆଉର୍

୪- ରାଜ୍ୟର୍ ବିଦ୍ୟାଲୟମାନ୍‌କୁ ଆଏବା ୨୦୨୫ ମସିହାତକ୍ ଲାଗୁ ହେବା ନୂଆଁ ଜାତୀୟ ଶିକ୍ଷାନୀତି ।

ଅଗ୍ନିଯୋଦ୍ଧାଙ୍କୁ ନିଯୁକ୍ତି ପତ୍ର ବଂଟନ ଆର୍‌ଏନ୍‌ୟୁ କଟକ୍

ରାଏଜେ ଆଏବା ୫ ବଛର୍ ଭିତ୍‌ରେ ଦେଢ଼୍‌ଲାଖ୍ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଓୟୁଏଟି ପରିସରଥି ଆଏଜ୍ ୯ ଶହ ୪୧ ଝନ୍ ନୂଆଁକରି ନିଯୁକ୍ତି ପାଇଥିବା ଅଗ୍ନିଯୋଦ୍ଧାଙ୍କୁ ନିଯୁକ୍ତି ପତ୍ର ବଂଟନ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଇଟା କହିଛନ୍ । ସେ ଆହୁରି କହିଛନ୍ ଯେ, ରାଏଜେ ଗାଁ ଆର୍ ସହର୍ ଇଲାକା ନ ଅଗ୍ନି ନିରାପତାର୍ ଆଧୁନିକୀକରଣ୍ ଉପ୍‌ରେ ଜୋର୍ ଦିଆଯାଉଛେ । ଦମ୍‌କଲ କେନ୍ଦ୍ର ସଂଖ୍ୟା ୩ ଶହ ୧୪ ନୁ ୩ ଶହ ୪୬ କେ ବଢ଼ାଯାଇଛେ । ଆଏବା ଦିନେ ଅଗ୍ନିଯୋଦ୍ଧା ବିଭାଗ୍‌ଥି ମହିଳାମାନ୍‌କୁ ସାମିଲ୍ କର୍‌ବାର୍‌କେ ସର୍‌କାର୍ ନିଷ୍ପତି ନଉଛନ୍ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ବିଧାନ୍‌ସଭା ଶୀତ୍‌କାଲୀନ୍ ଅଧିବେଶନ ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭାର ଶୀତ୍‌କାଲୀନ୍ ଅଧିବେଶନ୍‌ର ୨ ନମ୍ବର୍ କାର୍ଯ୍ୟଦିବସ୍‌ଥି ଆଏଜ୍ ଗୃହକାମ୍ ସୁରୁଖୁରୁଥି ହେଇଛେ । ବୈଠକ୍‌ର ପହେଲା ଖେପେ ପ୍ରଶ୍ନୋତର୍, ଶୂନ୍ୟକାଲ ଆର୍ ଗୁରୁତ୍ୱପୂର୍ଣ୍ଣ ମୁଲ୍‌ତବୀ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା ହେଇଥିଲା । ୨ ନମ୍ବର୍ ଖେପେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଓଡ଼ିଶା ଦ୍ରବ୍ୟ ଓ ସେବାକର ଦ୍ୱିତୀୟ ସଂଶୋଧନ୍

ବିଲ୍ -୨୦୨୪ ଆର୍ ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍-୨୦୨୪ ଗୃହ ନ ଉପସ୍ଥାପନ୍ କରିଥିଲେ । ଦୁହି ବିଲ୍‌କେ କାର୍ଯ୍ୟ ପରାମର୍ଶଦାତା କମିଟିର୍ ଅନୁଧ୍ୟାନ୍ ଲାଗି ପଠାଯାଇଛେ ।

ଗନ୍ଧମାର୍ଦ୍ଦନ୍ ପର୍ବତ୍ -ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗନ୍ଧମାର୍ଦ୍ଦନ୍ ପର୍ବତ୍ ନ ଶିଳ୍ପ କାର୍‌ଖାନା ଥାପ୍‌ନାର୍ ଲାଗି କେହେନି କମ୍ପାନୀକେ ଅନୁମତି ନାଇଁ ଦିଆଯାଇ, କି ଆଏବା ଦିନେ ଭିଲ୍ ନାଇଁ ଦିଆଯାଏ ବଲି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ବିଧାନ୍‌ସଭା ନ କହିଛନ୍ । ଶୂନ୍ୟକାଲଥି ଗନ୍ଧମାର୍ଦ୍ଦନ୍ ଇଲାକା ନ ଆଦାନୀ କମ୍ପାନୀ ଜମି ଘିନ୍‌ବାର୍ ବାବ୍‌ଦେ ବିରୋଧୀ ଦଲର୍ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଉଠେଇଥିବା ପ୍ରସଙ୍ଗ ଉପ୍‌ରେ ବିବୃତି ରଖିକରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ଯେ, ବଲାଙ୍ଗିର୍ ଜିଲ୍ଲାର୍ ଖପ୍ରାଖୋଲ୍ ବ୍ଲକ୍ ନ ଗଛ୍ ଜଗାବାର୍‌କେ ଆଦାନୀ କମ୍ପାନୀକେ ଅନୁମତି ଦିଆଯାଇଛେ । ହେ ଅନୁମତି ବିଜେଡ଼ି ସର୍‌କାର୍ ଦେଇଛନ୍ । ଗନ୍ଧମାର୍ଦ୍ଦନ୍ ସାଙ୍ଗେ ରାମାୟଣ୍ ଯୁଗର୍ ସଂସ୍କୃତି ଜଡ଼ିତ୍ ଅଛେ ଆର୍ ହେ ସଂସ୍କୃତିକେ ଆମେ କାହାକେ ଭାଙ୍ଗ୍‌ବାର୍‌କେ ନାଇଁଦଉ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ । ସେନ୍ତା ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ଯେ,

ଶିଳ୍ପ ଥାପ୍‌ନାର୍ ଲାଗି ଜଙ୍ଗଲ୍ କଟାଗଲେ ତାର୍ ବଦ୍‌ଲା ଜଙ୍ଗଲ୍ କରାଯାଏସି । ସେ ଅନ୍‌ସାରେ ଆଦାନୀ କମ୍ପାନୀ ବଲାଙ୍ଗିରେ ଜମି ନେଇଛେ । ଲିଜ୍ ଡିଡ୍ ଅନ୍‌ସାରେ କମ୍ପାନୀ ଜମିଥି ଗଛ୍ ଲଗେଇ ସାର୍‌ଲା ଉତାରୁ ହେତାକେ ଜଙ୍ଗଲ୍ ବିଭାଗ୍‌କେ ହସ୍ତାନ୍ତର୍ କର୍‌ବା । ହେଥିର୍‌ଲାଗି ଗନ୍ଧମାର୍ଦ୍ଦନ୍ ନ ଶିଳ୍ପ ଥାପ୍‌ନା ନେଇକରି ଚାଲିଥିବା ଆଲୋଚନାର୍ କେହେନି ଭିତି ନାଇଁନ, ଜୁଏ ନାଇଁଥିଲା କଥାଥି କୁହୁଲା ହଉଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ-ଓଡ଼ିଶା ଆର୍‌ଏନ୍‌ୟୁ / ସମ୍ବଲପୁର

ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀଥି ଯୋଗ୍ ଦେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ଶୁକ୍ରବାର୍ ଦିନ ଉପର୍‌ବେଲା ୩ ଦିନିଆ ଓଡ଼ିଶା ଗସ୍ତ ନ ଆସିକରି ଭୁବ୍‌ନେଶ୍ୱର୍ ପୁହୁଁଚିବେ । ବିଜେପି ରାଜ୍ୟ ସଭାପତି ମନ୍‌ମୋହନ୍ ସାମଲ୍ ଇ ସୂଚ୍‌ନା ଦେବାର୍ ଅବ୍‌ସରେ କହିଛନ୍ ଯେ, ୨୯ ତାରିଖ୍ ଉପର୍‌ବେଲା ପ୍ରଧାନ୍‌ମନ୍ତ୍ରୀ ଗୁଟେ ସାଧାରଣ ସଭାକେ ସମ୍ବୋଧନ୍ କର୍‌ବାର୍ ସହେତେ ରାଜ୍‌ଭବନ୍‌ତକ୍ ରୋଡ୍ ସୋ କର୍‌ବେ । ହେତାର୍ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ବିଜେପି ରାଜ୍ୟ କାର୍ଯ୍ୟାଳୟ ନ ଦଲୀୟ କର୍ମକର୍ତାମାନ୍‌କର୍ ସାଙ୍ଗେ ବୈଠକ୍ କର୍‌ବେ ।

ସର୍ବଭାରତୀୟ ଡିଜିଟାଲ୍ କ୍ୱିଜ୍ କମ୍ପିଟିସନ୍      ଏନ୍ଏସ୍ଡି

ବିକଶିତ୍ ଭାରତ୍ ଯୁବ ନେତୃତ୍ୱ ସମ୍ବାଦ୍‌ଥି ଭାଗିଦାର୍ ହେବାର୍‌କେ ଗଲା ୨୫ ତାରିଖ୍‌ନୁ ଆଏବା ମାସର୍ ୫ ତାରିଖ୍‌ତକ୍ ହେଉଥିବା ସର୍ବଭାରତୀୟ ଡିଜିଟାଲ୍ କ୍ୱିଜ୍ କମ୍ପିଟିସନ୍ ଥି ଭାଗ୍ ନେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର୍ ଯୁଆନ୍ ମାନ୍‌କୁ ଆହ୍ୱାନ୍ ଦେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ହେଟା ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ ଦିଗେ ଯୁଆନ୍ ମାନ୍‌କର୍ ଗୁଟେ ବଡ଼୍ ଅବଦାନ୍ ହେବା ଆଉ ସେମାନ୍‌କୁ ସର୍‌କାର୍‌ଙ୍କର୍ ଶୀର୍ଷ ସ୍ତର ନ ନିଜର୍ ଭାବ୍‌ନା ରଖ୍‌ବାର୍ ସୁଯୋଗ୍ ଦେବା । ଇନ ଜନେଇ ଦିଆଯାଇପାରେ ଯେ, ସର୍ବଭାରତୀୟ ଡିଜିଟାଲ୍ କ୍ୱିଜ୍ କମ୍ପିଟିସନ୍‌ଥି ୧୫ ନୁ ୨୯ ବଛର୍ ବୟସର୍ ସଭେ ଭାଗ୍ ନେଇପାର୍‌ବେ ।

ବାଲ୍‌ବିବାହ ମୁକ୍ତ ଭାରତ୍ ଜାତୀୟ ଅଭିଯାନ୍ ଆର୍ଏନ୍‌ୟୁ/ କଟକ୍

କେନ୍ଦ୍ର ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆଏଜ୍ ନୂଆଦିଲ୍ଲୀ ନ ବାଲ୍‌ବିବାହ ମୁକ୍ତ ଭାରତ୍ ଜାତୀୟ ଅଭିଯାନ୍‌ର ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ବାଲ୍ୟ ବିବାହ ମୁକ୍ତ ଭାରତ୍ ଗଢ଼୍‌ବାର୍‌କେ ସେ ଆହ୍ୱାନ୍ ଦେବାର୍

ସଙ୍ଗେ ବାଲ୍ ବିବାହ ମୁକ୍ତ ଜାତୀୟ ଅଭିଯାନ୍‌କେ ଲୋକ୍‌ମାନ୍‌କର୍ ପାଖେ ପୁହୁଁଚାବାର୍‌କେ ହେବା ବଲି କହିଛନ୍ । ସେ କହିଛନ୍ ଯେ, ଗଲା ୧୦ ବଛ୍‌ରେ ଦେଶ୍ ମହିଳା ସଶକ୍ତିକରଣ୍ ଦିଗେ ଖୋବ୍ ଉପଲବ୍ଧି ପାଇଛେ । ୨୦୨୩-୨୪ ଆର୍ଥିକ୍ ବଛ୍‌ରେ ଲିଙ୍ଗ ଅନୁପାତ୍ ବଢ଼ିକରି ଗଁ’ ହଜାରେ ପିଲାକର୍ ଜାଗା ନ ଟୁକେଲ୍ ମାନ୍‌କର୍ ସଂଖ୍ୟା ୯ ଶହ ୩୦ ଥି ପୁହୁଁଚିଛେ । ସେନ୍ତା ଶ୍ରମ କ୍ଷେତ୍ର ନ ଭିଲ୍ ମହିଳାମାନ୍‌କର୍ ଭାଗିଦାରୀ ୪୧ ପ୍ରତିଶତ୍‌କେ ବଢ଼ିଛେ ବଲି ସେ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ବାଲ୍‌ବିବାହ ମୁକ୍ତ ଜାତୀୟ ଅଭିଯାନ୍‌ର ଶୁଭାରମ୍ଭ ସଙ୍ଗେ ବାଲ୍ୟ ବିବାହ ମୁକ୍ତ ଭାରତ୍ ପୋର୍ଟାଲ୍ ଭିଲ୍ ଉନ୍ମୋଚନ୍ ହେଇଛେ ।

ଗଣଶିକ୍ଷା ମନ୍ତ୍ରୀ-ଜାତୀୟ ଶିକ୍ଷାନୀତି ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ବିଦ୍ୟାଳୟମାନ୍‌କୁ ଆଏବା ୨୦୨୫ ମସିହାତକ୍ ନୂଆଁ ଜାତୀୟ ଶିକ୍ଷାନୀତି ଲାଗୁ ହେବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଏଜ୍ ବିଧାନସଭା ନ ସୂଚ୍‌ନା ଦେଇଛନ୍ । ଗୁଟେ ପ୍ରଶ୍ନର୍ ରଖିକରି ସେ କହିଛନ୍ ଯେ, ଜାତୀୟ ଶିକ୍ଷାନୀତି ୨୦୨୦ କେ ଠିକ୍ ଭାବେ ଲାଗୁ କର୍‌ବାର୍‌କେ ଗୁଟେ ଟାସ୍କଫୋର୍ସ କମିଟି ଆଉ ୬ ଟା ଉପକମିଟି ଗଢ଼ାଯାଇଛେ । ନୂଆଁ ଜାତୀୟ ଶିକ୍ଷାନୀତି

ବାବ୍‌ଦେ ସବୁ ବର୍ଗଙ୍କର୍ ଠାନୁ ମତାମତ୍ ନେବାର୍ ଉତ୍‌ରୁ ଜାତୀୟ ଶିକ୍ଷାନୀତି ଲାଗୁ କରାଯିବା । ବିଦ୍ୟାଳୟମାନ୍‌କୁ ଖାଲିଥିବା ଶିକ୍ଷକ୍ ପଦ୍‌ବୀ ଖୋବ୍ ଜଲ୍‌ଦି ପୂରଣ୍ କରାଯିବା ବଲି ମନ୍ତ୍ରୀ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ-ବିଧାନ୍‌ସଭା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ ରାଜସ୍ୱ ଗାଁନ ବିଦ୍ୟୁତ ସଂଯୋଗ କରାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ହେଲେ କେତେଟା ପଡ଼ା ଗାଁ ନ ବିଜ୍‌ଲି ନାଇଁ ପୁହୁଁଚିପାରିଥିବାର୍‌ନୁ ଥିତିର୍ ଅନୁଧ୍ୟାନ୍ କରାଯାଇକରି ସେନ୍‌କେ ଜଲ୍‌ଦି ବିଜ୍‌ଲି ସଂଯୋଗ୍ ଦେବାର୍‌କେ ପଦକ୍ଷେପ୍ ନିଆଯିବା ବଲି ଆଏଜ୍ ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍ ରଖିକରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ । ସେନ୍ତା ବାର୍‌ହା ଶିକାର୍ ଲାଗି ବିଜ୍‌ଲି ତାର୍ ବିଛାଯାଉଥିବାର୍‌ନୁ ହାତୀମାନ୍‌କର୍ ଜୀବନ୍ ଯାଉଥିବାର୍ ଅଭିଯୋଗ୍ ଉପ୍‌ରେ ଉଦ୍‌ବେଗ ପ୍ରକାଶ୍ କର୍‌ବାର୍ ସଙ୍ଗେ ହେ କାମ୍‌ଥି ସାମିଲ୍ ଲୋକ୍‌ମାନ୍‌କର୍ ବିରୋଧ୍ ନ ଦୃଢ଼୍ କାର୍ଯ୍ୟାନୁଷ୍ଠାନ୍ କରାଯିବା ବଲି ଆର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ସେ କହିଛନ୍ ।

ଖାଉଟି କଲ୍ୟାଣ୍ ମନ୍ତ୍ରୀ-ରାସନ୍ କାର୍ଡ୍ ଆର୍‌ଏନ୍‌ୟୁ/

କଟକ୍

ରାଜ୍ୟ ସର୍କାର୍ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅଧୀନ୍‌ଥି ୩ କୋଟି ୨୬ ଲାଖ୍ ୩୩ ହଜାର୍ ଝନ୍‌କୁ ଖାଦ୍ୟ ସୁରକ୍ଷା ଯୁଗେଇ ଦଉଛନ୍ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଆଏଜ୍ ବିଧାନ୍‌ସଭା ନ ଗୁଟେ ମୁଲ୍‌ତବୀ ପ୍ରସ୍ତାବ୍‌ର ଆଲୋଚନାର୍ ଉତର୍ ରଖିକରି ସେ ହେ ସୂଚ୍‌ନା ଦେବାର୍ ସଙ୍ଗେ ରାଜ୍ୟର୍ ଖାଦ୍ୟ ସୁରକ୍ଷା ଯୋଜ୍‌ନାଥି ୩ ଲାଖ୍ ୧୫ ହଜାର୍ ୨୪ ପରିବାର୍‌ଙ୍କୁ ସାମିଲ୍ କରାଯାଇଛେ ବଲି କହିଛନ୍ । ରାଏଜେ ପାଖାପାଖି ୮୦ ପ୍ରତିଶତ୍ ଜନସଂଖ୍ୟା ମାହାଲିଆ ମାସିକ୍ ଚାଉଲ୍ ପାଉଛନ୍ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଖରିଫ୍ ଋତୁ ନ ଧାନ ବିକ୍ରି- ଚାଷୀ ପଞ୍ଜିକରଣ୍ ଆର୍‌ଏନ୍‌ୟୁ/

କଟକ୍

ରାଏଜେ ୨୦୨୪-୨୫ ଖରିଫ୍ ଋତୁ ନ ଧାନ୍ ବିକ୍‌ବାର୍‌କେ ୧୭ ଲାଖ୍ ୪୯ ହଜାର୍ ୯ ଶହ ୮୭ ଝନ୍ ଚାଷୀ ପଞ୍ଜିକରଣ୍ କରିଥିବାର୍ ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ ବିଧାନ୍‌ସଭା ନ ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, ୨୦୨୩ -୨୪ ଖରିଫ୍ ଋତୁ ନ ୧୭ ଲାଖ୍ ୭୨ ହଜାର୍ ୩

ଶହ ୪୭ ଝନ୍ ଚାଷୀ ପଞ୍ଜିକରଣ୍ କରିଥିଲେ । ସେନ୍ତା ରବି ଋତୁ ନ ୨ ଲାଖ୍ ୭୬ ହଜାର୍ ନୁ ଅଏତ୍କା ଚାଷୀ ଧାନ୍ ବିକ୍ବାର୍କେ ପଞ୍ଜିକରଣ୍ କରିଥିଲେ ।

ନୌସେନା ଦିବସ୍ ପୁରୀ ସମ୍ବାଦଦାତା

ପୁରୀ ବ୍ଲୁ ଫ୍ଲାଗ୍ ବିଚ୍ ନ ଆଏବା ମାସର୍ ୪ ତାରିଖ୍ ନୌସେନା ଦିବସ୍ ପାଲନ୍ ହେବାର୍କେ ଯାଉଥିବାର୍ ବେଲେ ସେନ ଆଏଜ୍ଠାନୁ ନୌସେନାର୍ ସମରଶଯ୍ୟା ଦେଖ୍ବାର୍କେ ମିଲିଛେ । ନୌସେନାର୍ ଯୁଦ୍ଧ ଜାହାଜ୍ ପୁରୀ ସମୁଦ୍ରଖଁଡ଼ି ନ ପୁହୁଁଚିବାର୍ ମୁଲ୍ ହେଇଛେ । ବେଲାଭୂମି ନ ଟେଙ୍କ୍ ଆର୍ ନୌସେନାର୍ କମାଣ୍ଡୋ ବାହିନୀ ଭିନ୍ ଭିନ୍ ଯନ୍ତ୍ରପାତି ଜରିଏ ଅଭ୍ୟାସ୍ କରୁଥିବାର୍ ଦେଖାଦେଇଛେ । ନୌସେନା ଦିବସ୍ ପାଲନ୍ କାର୍ଯ୍ୟକ୍ରମ୍ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉପସ୍ଥିତ୍ ରହେବେ । ଇ ଅବ୍ସରେ ସେ ଶ୍ରୀମନ୍ଦିର୍ ନ ମାହାପୁରୁଙ୍କର୍ ଦର୍ଶନ୍ କର୍ବେ । ହେଥିର୍ଲାଗି ଶ୍ରୀମନ୍ଦିର୍ ନ ସ୍ୱତନ୍ତ୍ର ନୀତିକାନ୍ତି କର୍ବାର୍କେ ଛତିଶାନିଯୋଗ୍ ବୈଠକ୍ଥି ନିଷ୍ପତି ହେଇଛେ ।

ଭାରତ୍ ଆନ୍ତର୍ଜାତିକ ବାଣିଜ୍ୟ ମେଳା-ଓଡ଼ିଶା I&PR

ଭାରତ୍ ଆନ୍ତର୍ଜାତିକ ବାଣିଜ୍ୟ ମେଳା ନ ଓଡ଼ିଶା ପେଭିଲିୟନ୍‌କେ ରୋପ୍ୟ ପଦକ୍ ମିଲିଛେ । ନୂଆଦିଲ୍ଲୀ ନ ଥିବା ଓଡ଼ିଶାର୍ ପ୍ରମୁଖ ଆବାସିକ ଆୟୁକ୍ତ ବିଶାଲ୍ ଗଗନ୍ ଆୟୋଜକ ଭାରତ୍ ବାଣିଜ୍ୟିକ ପ୍ରୋତ୍ସାହନ୍ ସଂଗଠନ୍‌ର ଅଧ୍ୟକ୍ଷ ଆର୍ ପରିଚାଲନା ନିର୍ଦ୍ଦେଶକ୍ ପ୍ରଦୀପ୍ ସିଂ ଖରୋଲାଙ୍କର୍ ଠାନୁ ହେ ପୁରସ୍କାର୍ ଗ୍ରହଣ୍ କରିଛନ୍ ।

ପେନ୍ ଟୁ ପଏଂଟ୍ ଜିରୋ        ଆର୍‌ଏନ୍‌ୟୁ/ କଟକ୍

ଦେଶେ ପର୍ମାନେଂଟ୍ ଏକାଉଂଟ୍ ନମ୍ବର୍ - ପେନ୍ ଟୁ ପଏଂଟ୍ ଜିରୋ କାର୍ଯ୍ୟକାରୀ କରାଯିବା । ଇ ବାବ୍‌ଦେ କେନ୍ଦ୍ର କେବିନେଟ୍ ତର୍‌ଫୁ ମଞ୍ଜୁରୀ ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ଇଥି ସବୁ ପେନ୍‌କାର୍ଡ଼ର ଅପ୍‌ଗ୍ରେଡ଼୍ କରାଯିବା । ଆୟକର ବିଭାଗ୍ ତର୍‌ଫୁ ଦିଆଯାଇଥିବା ୧୦ ଟା ଅଙ୍କର୍ ପେନ୍‌କାର୍ଡ଼ଥି କ୍ୟୁଆର୍ କୋର୍ଡ଼ ରହେବା, ଯେନ୍‌ଥି କାର୍ଡ଼ଧାରୀଙ୍କର୍ ପୁରା ବିବରଣୀ ଠାନ୍ ପାଏବା । ପେନ୍‌କାର୍ଡ଼ ମାହାଲିଆ ଦିଆଯିବା ଆର୍ ଡିଜିଟାଲ୍ ପ୍ରକ୍ରିୟାର୍ ଲାଗି ହେଟା କମ୍ ସମିଆଥି ଅପ୍‌ଗ୍ରେଡ଼୍ ହେଇପାର୍‌ବା । ତଥ୍ୟଥି କେହେନି ସଂଶୋଧନ୍ ନାଇଁଥିଲେ ଜୁନ୍‌ହା ପାନ୍‌କାର୍ଡ଼ଧାରୀମାନ୍‌କୁ ନୂଆଁ କାର୍ଡ଼ ଲାଗି ଆବେଦନ୍ କର୍‌ବାର୍‌କେ ନାଇଁପଡ଼େ । ସେମାନ୍‌କୁ ତାକର୍ ଠିକ୍‌ନାଥି ନୂଆଁ ପେନ୍‌କାର୍ଡ଼ ଯୁଗେଇ ଦିଆଯିବା । କେନ୍ଦ୍ର ସର୍‌କାର୍‌ଙ୍କର୍ ଡିଜିଟାଲ୍ ଇଣ୍ଡିଆର୍ ପଦକ୍ଷେପ୍ ସାଙ୍ଗେ

ମିଶାବାର୍ ଦିଗେ ଇଟା ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ଆଏ । ଇନ ଜନେଇ ଦିଆଯାଇପାରେ ଯେ, ଏଛେନ୍ ଦେଶେ ପାଖାପାଖି ୭୮ କୋଟି ପେନ୍ ଆର୍ ପାଖାପାଖି ୭୩ ଲାଖ୍ ଟେନ୍ ଏକାଉଂଟ୍ ଅଛେ ।

ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା ସମିତିର୍ ବୈଠକ ବୌଦ୍ଧ

ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା ସମିତିର୍ ବୈଠକ୍ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାର୍ ଦୁର୍ଘଟଣାପ୍ରବଣ ଜାଗାମାନ୍‌କୁ ଚିହ୍ନଟ୍ କରିକରି ସେନ ସୂଚ୍‌ନା ଫଳକ ଲଗାବାର୍ କାମ୍‌ର ଅଗ୍ରଗତି ବାବ୍‌ଦେ ସମୀକ୍ଷା କରାଯାଇଥିଲା । ଇତାର୍‌ସଙ୍ଗେ ସଡ଼କ୍ ଉପ୍‌ରେ ଘର୍‌ବନା ସାମାନ୍, ଗଦା କରି ରଖିଲେ ଜରିମାନା ଆଦାୟ କର୍‌ବାର୍‌କେ ନିଷ୍ପତି ହେଇଥିଲା ।

ନୂଆପଡ଼ା- ଦୁର୍ଘଟଣା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ରାସ୍ତାର୍ ବୁଢ଼ାପଡ଼ା ଗାଁର୍ ବ୍ରିଜ୍ ପାଖେ ଆଏଜ୍ ଗୁଟେ ବାଇକ୍ ଦୁର୍ଘଟଣାଥି ଝନ୍‌କର୍ ଜୀବନ୍ ଯାଇଥିବାର୍ ବେଳେ ଆର୍ ଝନେ ଗୁରୁତର୍ ଆହତ୍ ହେଇଛନ୍ । ମୃତ ଆର୍ ଆହତଙ୍କର୍ ପରିଚୟ ନାଇଁ

ମିଲିଥିବାର୍ ବେଲେ ପୁଲିସ୍ ଆହତଙ୍କୁ ଜିଲ୍ଲା ଡାକ୍ତର୍‌ଖାନାଥି ଭର୍ତି କରିଛେ ।

ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ କଲେଜ୍ ନ ଆଏବା ମାସର୍ ୧୨ ତାରିଖ୍ ଦିନ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ୍ 'ଯୁବ ଶକ୍ତିସେ ଜନ୍ ଭାଗିଦାରୀ' ହେବାର୍‌କେ ଯାଉଛେ । ହେଥିର୍‌ଲାଗି ଅତିରିକ୍ତ ଜିଲ୍ଲାପାଲ୍‌ଙ୍କର୍ ଅଧକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ସୂଚ୍‌ନା ଅନ୍‌ସାରେ ଉତ୍ସବ୍‌ଥି ୧୫ ନୁ ୨୯ ବଛର୍ ବୟସର୍ ପିଲା ଟୁକେଲ୍‌ଙ୍କର୍ ଭିତ୍‌ରେ ଚିତ୍ରକଳା, କବିତା ରଚନା, ମୋବାଇଲ୍ ଫଟୋଗ୍ରାଫି, ବକ୍ତୃତା, ଲୋକ ଓ ଶାସ୍ତ୍ରୀୟ ନୃତ୍ୟ ଆର୍ ବିଜ୍ଞାନ୍ ପ୍ରକଳ୍ପ ପ୍ରତିଯୋଗିତା କରାଯିବା ।

ବାଲ୍ୟବିବାହ ମୁକ୍ତ ଭାରତ୍ ଶିବିର ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ କଲେଜ୍‌ର ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ନ ବାଲ୍ୟବିବାହ ମୁକ୍ତ ଭାରତ୍ ଶିବିର ଆଏଜ୍ ହେଇଯାଇଛେ । ହେଥି ଅତିରିକ୍ତ ଏସ୍.ପି. ଧିରେନ୍ଦ୍ର ଚୋପ୍‌ଦାର୍ ମୁଖ୍ୟଅତିଥି

ଆର୍ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ୍ ଦେଇଥିଲେ ।